ଶନିବାର, ୨୦ ଡିସେମ୍ବର, ୨୦୨୫

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 52 Years



# ଶକ୍ତିଶାଳୀ କିଏ !



ଗପ

ଭଗବାନ ବୁଦ୍ଧଦେବ ଭାଇଚାରା, ସହୃଦୟତା ଓ ଅହିଂସାର ବାର୍ତ୍ତା ପ୍ରଚାର କରି ଗାଁକୁ ଗାଁ ବୁଲିଲାବେଳେ ଦିନେ ଗୋଟେ ଜଙ୍ଗଲ ରାସ୍ତା ପଡ଼ିଲା। ବୁଦ୍ଧଦେବ ସେହି ରାସ୍ତା ଦେଇ ଯିବାକୁ ବାହାରିବାରୁ ଗାଁ ଲୋକେ ବାରଣ କଲେ। କାରଣ ପଚାରିବାରୁ, ଗାଁ ଲୋକେ କହିଲେ ସେହି ଜଙ୍ଗଲରେ ଅଙ୍ଗୁଳିମାଳ ନାମରେ ଏକ ହିଂସ୍ର, ଡକାୟତ ରହୁଛି ଯିଏ ଧନ ଲୁଟିନେବା ସହ ଲୋକଙ୍କୁ ହତ୍ୟା କରେ। ଏହାପରେ ସେମାନଙ୍କ ବୁଢ଼ା ଆଙ୍ଗୁଠି ସବୁ ମାଳ କରି ନିଜ ବେକରେ ପକାଉଛି।

ବୁଦ୍ଧଦେବ ଏସବୁ ଶୁଣି କହିଲେ, ବ୍ୟସ୍ତ ହୁଅ ନାହିଁ। ଏହାପରେ ସେ ଜଙ୍ଗଲ ରାସ୍ତାରେ ଚାଲିବାକୁ ଲାଗିଲେ।

ଜଙ୍ଗଲ ରାସ୍ତାରେ କିଛି ବାଟ ଯିବା ପରେ ଗୋଟେ କର୍କଶ ସ୍ୱର ଶୁଣି ବୁଦ୍ଧଦେବ ଅଟକି ଗଲେ। ଅଙ୍ଗୁଳିମାଳ ମହାତ୍ମା ବୁଦ୍ଧଙ୍କ ଆଗକୁ ଆସି ବାଟ ରୋକିଲା। ଦେଖିବାକୁ ଖୁବ୍ ବିଶାଳ ଚେହେରା, ଭୟଙ୍କର ମୁଖଭଙ୍ଗୀ। ତାଙ୍କୁ ନ ଡରିବା ଦେଖି ଅଙ୍ଗୁଳିମାଳ ପଚାରିଲା, ‘‘ମୋତେ ଦେଖି ତୁମକୁ ଡର ଲାଗୁନି ?’’

‘‘କାହିଁକି ମୋତେ ଡର ଲାଗିବ ? ’’ ବୁଦ୍ଧଦେବ ଉତ୍ତର ଦେଲେ ! ‘‘କାରଣ ମୁଁ ଖୁବ୍ ଶକ୍ତିଶାଳୀ ! ମୁଁ ୯୯୯ ଜଣଙ୍କୁ ଲୁଟିବା ସହ ମାରିଛି ! ଏ ପାଖଆଖ ଗାଁରେ ସମସ୍ତେ ମୋତେ ଭୟ କରନ୍ତି !’’ ଅଙ୍ଗୁଳିମାଳ କହିଲା !

‘‘ମଣିଷଙ୍କୁ ମାରିଲେ କେହି ଶକ୍ତିଶାଳୀ ହୋଇଯାଆନ୍ତି ନାହିଁ!’’ ବୁଦ୍ଧଦେବ ଉତ୍ତର ଦେଲେ। ‘‘ତା’ହେଲେ ଶକ୍ତିଶାଳୀ କାହାକୁ କୁହାଯାଏ ?’’ ଅଙ୍ଗୁଳିମାଳ ଆଶ୍ଚର୍ଯ୍ୟ ହୋଇ ପଚାରିଲା !

ବୁଦ୍ଧଦେବ ପାଖରେ ଥିବା ଏକ ଗଛରୁ ପତ୍ରଟିଏ ଛିଣ୍ଡାଇ ଆଣିବାକୁ କହିଲେ ! ପତ୍ରଟି ଛିଣ୍ଡାଇ ଆଣିବା ଦେଖି ବୁଦ୍ଧଦେବ ପୁଣି କହିଲେ, ଗଛରୁ ପତ୍ର ଛିଣ୍ଡାଇ ଆଣିବା କିଛି ଶକ୍ତିଶାଳୀର କାମ ନୁହେଁ, ପ୍ରକୃତ ବଳ ତ ଗଛରେ ଛିଣ୍ଡାଯାଇଥିବା ପତ୍ରଟି ଲଗେଇବା ! ଯା’ ଏବେ ଗଛରେ ପତ୍ର ଲଗେଇ କି ଆସ !

ଅଙ୍ଗୁଳିମାଳ ଏବେ ଦ୍ୱନ୍ଦ୍ୱରେ ପଡ଼ିଲା ! ପ୍ରଭୁ ବୁଦ୍ଧଦେବ ତାକୁ ବୁଝେଇକି କହିଲେ, ‘‘ତୁମେ ହଜାର ହଜାର ପତ୍ର ଗଛରୁ ଛିଣ୍ଡେଇପାରିବ, କିନ୍ତୁ ଗଛରେ ପୁଣି ନେଇ ଲଗେଇପାରିବ ନାହିଁ!’’

ସେମିତି ତୁମେ ୯୯୯ ଜଣ ଲୋକଙ୍କ ଜୀବନ ନେଇଛ, କିନ୍ତୁ ତୁମେ ସେଇ ଲୋକଙ୍କର ଯଦି ଜୀବନ ଫେରାଇ ଦେବ ତେବେ ତୁମେ ଶକ୍ତିଶାଳୀ ! ’’ଅଙ୍ଗୁଳିମାଳ ନିଜ ଭୁଲ୍ ବୁଝିପାରିଲା। ଅପରାଧର ପ୍ରାୟଶ୍ଚିତ୍ତ ପାଇଁ ପ୍ରଭୁ ବୁଦ୍ଧଙ୍କର ଦୟା ଭିକ୍ଷାକରି ତାଙ୍କ ଶରଣାଗତ ହେଲା। ସେହିଦିନ ଠାରୁ ହତ୍ୟା, ଲୁଟ୍ ଆଦି ଖରାପ କାମ ତ୍ୟାଗକରି ବୁଦ୍ଧଙ୍କ ଶିଷ୍ୟତ୍ୱ ଗ୍ରହଣକଲା ଓ ଭଲ ମଣିଷ ହେଲା।

ନିଜକୁ ଶୃଙ୍ଖଳା ଓ ଉଚିତ ମାର୍ଗରେ ନେଉଥିବା ଲୋକ ଜୀବନର ସବୁ ପରୀକ୍ଷାରେ ଶତ ପ୍ରତିଶତ ନମ୍ବର ରଖି ପାସ୍ ହୋଇ ଅନ୍ୟ ପାଇଁ ଉଦାହରଣ ହୋଇଯାଏ !

**– ଅନସୂୟା ପଣ୍ଡା**
କାର୍ଡଗୁଡ଼ି, ବେଙ୍ଗାଲୁରୁ
ମୋ: ୯୮୪୦୭୦୬୧୪୦

## ଖିଲି ଖିଲି ହସ

ବାପା (ପୁଅକୁ)– ଯଦି ତୁମେ ଭଲ କାମ କରିବ, ତେବେ ତୁମ ନାମ ଅମର ହୋଇଯିବ।
ପୁଅ: କିନ୍ତୁ ବାପା, ମୋ ପୁରୁଣା ନାଁ କ’ଣ ହେବ !

ଶିକ୍ଷକ: ପିଲାମାନେ ! ତୁମେ ୧୮୦୦ ଶତାବ୍ଦୀର ବୈଜ୍ଞାନିକଙ୍କ ବିଷୟରେ କ’ଣ ଜାଣିଛ କୁହ ?
ରୋହନ: ସାର୍ ! ଏହା ଯେ, ସେମାନେ ବର୍ତ୍ତମାନ ଏ ଦୁନିଆରେ ନାହାନ୍ତି।

## ମତାମତ

▶▶ ଜଣା ଅଜଣାରେ ପ୍ରକାଶିତ ହୋଇଥିବା ‘ଚିତାବାଘ, ଦୁର୍ବଳ ହୁଏନି କୁମ୍ଭୀର, ଅସରପା ଏବଂ ଫ୍ଲାଇଟ୍‌ରେ ମନା ପାଠଗୁଡିକ ପଢ଼ିଲି। ବହୁତ ଭଲ ଲାଗିଲା।

**–ପ୍ରଣୟ ପଟ୍ଟନାୟକ, କେନ୍ଦୁଝର**

▶▶ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସବୁଠାରୁ ଛୋଟ ମଈଁଷି ବିଷୟରେ ଜାଣିବାକୁ ପାଇଲି।

**–ପ୍ରଭାତ ନାୟକ, ନୟାଗଡ଼**

▶▶ ଚାରିଚୋର ପାଠଟିରୁ କିପରି ଚୋରମାନେ ପଶ୍ଚାତ୍ତାପ କଲେ ଏବଂ ଭଲ ରାସ୍ତାକୁ ଫେରିଲେ ତାହା ଏଥିରୁ ଶିକ୍ଷା ମିଳିଲା।

**–କିଶୋର ନାୟକ, ବ୍ରହ୍ମପୁର**

# ଖ୍ରୀଷ୍ଟମାସ ସମ୍ପର୍କରେ..



❖୧୮୦୦ ଖ୍ରୀଷ୍ଟାବ୍ଦ ବେଳକୁ ଜର୍ମାନୀରେ ହଂସ ପରକୁ ବ୍ୟବହାରକରି ଖ୍ରୀଷ୍ଟମାସ୍ ଟ୍ରୀ ତିଆରି କରାଯାଉଥିଲା।

❖ପ୍ରତିବର୍ଷ ଯୁକ୍ତରାଷ୍ଟ୍ର ଆମେରିକାରେ କେବଳ ୩ ବିଲିଅନରୁ ଅଧିକ ଖ୍ରୀଷ୍ଟମାସ୍ କାର୍ଡ ବାହାରକୁ ପଠା ଯାଇଥାଏ।

❖ବ୍ରାଜିଲର ରିଓ ଡି’ ଜେନେରିଓଠାରେ ରହିଛି ସବୁଠୁ ବଡ ଭାସମାନ ଖ୍ରୀଷ୍ଟମାସ୍ ଟ୍ରୀ।

❖‘ହ୍ୱାଇଟ୍ ଖ୍ରୀଷ୍ଟମାସ୍’ ସଙ୍ଗୀତଟି ସବୁ ସମୟ ପାଇଁ ସର୍ବାଧିକ ବିକ୍ରି ହେଉଥିବା ସଙ୍ଗୀତ ଭାବେ ଗ୍ରହଣ କରାଯାଇଛି। ସାରା ବିଶ୍ୱରେ ଏହାର ୫୦ ମିଲିଅନରୁ ଅଧିକ କପି ବିକ୍ରି ହୋଇସାରିଛି।

❖ଆମେରିକାର ହୱାଲୀରେ ସାଣ୍ଟାକୁ କାନାକାଲୋକା କୁହାଯାଏ। ଏଠାରେ ସାଣ୍ଟାକୁ ବିଭିନ୍ନ ପ୍ରକାର ଫୁଲ, ରଙ୍ଗ ହୋଇଥିବା ଲାଲ୍ ପୋଷାକରେ ପ୍ରଦର୍ଶିତ କରାଯାଏ।

❖୧୯୮୦ ବେଳକୁ ଖ୍ରୀଷ୍ଟମାସ୍ ଖେଳନା ଭାବରେ ରୁବିକ୍ କ୍ୟୁବ୍ ସର୍ବାଧିକ ବିକ୍ରି ହେଉଥିଲା।

❖୧୯୬୨ ମସିହାରେ ଆମେରିକାରେ ପ୍ରଥମେ ପୋଷ୍ଟକାର୍ଡରେ ଖ୍ରୀଷ୍ଟମାସ ଷ୍ଟାମ୍ପ ବ୍ୟବହାର କରାଯାଇଥିଲା।

❖ଦୁଇଟି ଦ୍ୱୀପର ନାଁକୁ ମଧ୍ୟ ଖ୍ରୀଷ୍ଟମାସଭାବେ ନାମକରଣ କରାଯାଇଛି। ଏହା ମଧ୍ୟରୁ ଗୋଟିଏ ପ୍ରଶାନ୍ତ ମହାସାଗରରେ ଓ ଅନ୍ୟଟି ଭାରତ ମହାସାଗରରେ ରହିଛି।

❖ଆମେରିକାର ୫୦ଟି ରାଜ୍ୟ ଏମିତିକି ହୱାଲୀ ଓ ଆଲାସ୍କାରେ ମଧ ଖ୍ରୀଷ୍ଟମାସ୍ ଟ୍ରୀ ଚାଷ କରାଯାଏ।

❖୧୭ଶହ ଶତାବ୍ଦୀ ବେଳକୁ ସେଓ, କମଳା ଆଦି ବିଭିନ୍ନ ପ୍ରକାର ଫଳରେ ଖ୍ରୀଷ୍ଟମାସ ଟ୍ରୀ ସଜାଯାଉଥିଲା।

❖ୟୁକ୍ରେନ୍‌ର ଲୋକ କଥା ଅନୁସାରେ ଜଣେ ଗରିବ ମହିଳା ଖ୍ରୀଷ୍ଟମାସ୍ ଟ୍ରୀକୁ ସଜାଇବା ପାଇଁ ସମର୍ଥ ନ ଥିବାରୁ ମନ ଦୁଃଖରେ ଶୋଇ ପଡିଥିଲେ। କିନ୍ତୁ ରାତିରେ ସେଥିରେ ବୁଢ଼ିଆଣୀ ବସା କରିଦେଇଥିଲା, ଯାହା ଅତ୍ୟନ୍ତ ସୁନ୍ଦର ଦେଖାଯାଉଥିଲା। ସେହିଦିନଠାରୁ ଖ୍ରୀଷ୍ଟମାସ୍ ଟ୍ରୀରେ ବୁଢ଼ିଆଣୀ ବସାକୁ ସୌଭାଗ୍ୟର ପ୍ରତୀକ ଭାବିଥାନ୍ତି।

❖୧୮୩୬ ମସିହାରେ ଆଲବାମା ସହର ପ୍ରଥମେ ଖ୍ରୀଷ୍ଟମାସ୍‌କୁ ଛୁଟିଭାବେ ଘୋଷଣା କରିଥିଲା।

❖୧୮୪୩ ମସିହାରେ ପ୍ରଥମେ ଖ୍ରୀଷ୍ଟମାସ୍ କାର୍ଡ ତିଆରି କରାଯାଇଥିଲା।

## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ଭଲ୍ୟୁଣ୍ଟିୟର

ସ୍ୱଇଚ୍ଛାରେ ଅନ୍ୟକୁ ସାହାଯ୍ୟ କରିବା ପାଇଁ ଯେଉଁମାନେ କାମ କରିଥାନ୍ତି ତାଙ୍କୁ ଭଲ୍ୟୁଣ୍ଟିୟର କୁହାଯାଏ। ସୁନ୍ଦର ସମାଜ ଗଢିବାରେ ଏମାନଙ୍କର ବିଶେଷ ଯୋଗଦାନ ରହିଛି। ପିଲାମାନେ! ତୁମେ ଯଦି ଭବିଷ୍ୟତରେ ଜଣେ ଭଲ୍ୟୁଣ୍ଟିୟର ହୋଇ ସମାଜ ପାଇଁ କାମ କରିବାକୁ ଚାହୁଁଛ ତା'ହେଲେ କେତୋଟି ଦିଗପ୍ରତି ଦୃଷ୍ଟି ଦେବା ସହ କ'ଣ କରିବାକୁ ପଡିବ ଜାଣି ରଖ...




ଅନ୍ୟମାନଙ୍କୁ ସାହାଯ୍ୟ କରିବାର ଭାବନା କେତେକ ପିଲାଙ୍କ ମନରେ ଥାଏ। କିନ୍ତୁ ଏହାକୁ କାମରେ ଲଗାଇବା ଏତେଟା ସହଜ ହୋଇ ନ ଥାଏ। ନିଜର ଦୈନନ୍ଦିନ ରୁଟିନ୍‌ରେ ଏହାକୁ ଯୋଡ଼ିଲେ ସେଥିପାଇଁ ସମୟ ବାହାର କରିବାକୁ ପଡ଼ିଥାଏ। ସେବା –ସହାୟତା ଏହି ଦୁଇଟି ଭାବନା ବାସ୍ତବରେ କରି ଦେଖାଇବାର କାମ ଭଲ୍ୟୁଣ୍ଟିୟର୍ସ କରିଥାନ୍ତି। ଏହି ସମୟରେ ନିଜର କୌଣସି ସ୍ୱାର୍ଥ ରହିବା ଆଦୌ ଠିକ୍ ନୁହେଁ। କିଭଳି ଭଲ ବ୍ୟବହାର ଦ୍ୱାରା ଅନ୍ୟକୁ ପ୍ରଭାବିତ କରିବେ ତାହା ପ୍ରଥମେ ଶିଖନ୍ତୁ। ସ୍ୱେଚ୍ଛାକୃତ ଭାବରେ ଯଦି କିଛି କାମ କରିବାକୁ ମନସ୍ଥ କରିଛ, ତେବେ ପ୍ରଥମେ ଏନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିବା ଦରକାର। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ହେଲେ ସେବା ମନୋବୃତ୍ତିକୁ ପ୍ରଥମେ ଆପଣାନ୍ତୁ।

## ଛୋଟ ଛୋଟ ପଦକ୍ଷେପ

ପିଲାଏ, କାହାକୁ ସାହାଯ୍ୟ କରିବା ନିଶ୍ଚୟ ଏକ ଭଲ କଥା। ଯଦି ନିଜର ଆଗ୍ରହ ରହିଲା, ତେବେ ଏ କ୍ଷେତ୍ରରେ ସଫଳତା ମିଳିଥାଏ। ଆଉ ଏଭଳି କାମ ତୁମେମାନେ ବି କରିପାରିବ। ଭଲ୍ୟୁଣ୍ଟିୟର ରୂପରେ ଜରୁରୀ ନୁହେଁ ଯେ ବଡ଼ ସ୍ତରରେ ହିଁ କିଛି କରାଯାଇପାରିବ। ନିଜ ଘର, ପାଖପଡ଼ିଶା, ରାସ୍ତା, ସ୍କୁଲ, ପାର୍କ ସବୁ ସ୍ଥାନରେ ସହଯୋଗୀ ସିଟିଜନ୍‌ର ଭୂମିକା ନିଭାଇପାରିବ।

ସମସ୍ୟାରେ କାହାକୁ ସାହାଯ୍ୟ କରିବା ପୁଣି ଦୁଃଖ କଷ୍ଟ ସମୟରେ ତାଙ୍କୁ ସାମର୍ଥ ଅନୁସାରେ ସହଯୋଗ କରିବା ନେଇ ନିଜର ଇଚ୍ଛାଶକ୍ତି ରହିବା ଦରକାର। ଏହି ବିଚାରଧାରା ଦ୍ୱାରା ତୁମର ଛୋଟ ପଦକ୍ଷେପ ଅନ୍ୟମାନଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଅନ୍ୟକୁ ସାହାଯ୍ୟ କରିବା, ସାଥ୍ ଦେବାର ଭାବନା ଦ୍ୱାରା ପୂରା ଦୁନିଆ ସୁନ୍ଦର ହୋଇପାରିବ। ସମସ୍ତଙ୍କ ଜୀବନ ସହଜ–ସରଳ ହୋଇଯିବ।

## ବିଚାରଧାରା

ପିଲାଏ, କୌଣସି ବୟସ୍କ ଲୋକଙ୍କୁ ସାହାଯ୍ୟ କରିବା, ପାର୍କରେ ଗଛଲତା ଲଗାଇବା, ସ୍କୁଲ୍‌ରେ କୌଣସି ସାଥୀକୁ ଆଘାତ ଲାଗିଲେ ସାହାଯ୍ୟ କରିବା ଆଦିରୁ ଏହି କାମ ଆରମ୍ଭ କରିପାରନ୍ତି। ନିଜ ଅଞ୍ଚଳରେ ସଫା–ସୁତୁରା ପ୍ରତି ଧ୍ୟାନଦେବା ଲୋକଙ୍କ ସାଥ୍ ଦେବାଠୁ ଆରମ୍ଭ କରି ଘର କାମରେ ମା'ଙ୍କୁ ସହଯୋଗ କରିବା ଏହା ସେବା କରିବା ଭଳି ହିଁ ହୋଇଥାଏ। କୌଣସି ଜଟିଳତା ସମୟରେ ଅନ୍ୟକୁ ସହଯୋଗ କରିବା ନିଜ ଜୀବନକୁ ସମ୍ଭାଳିବା ବି ଶିଖାଇଥାଏ। ଅନ୍ୟଙ୍କ ଜୀବନ ସହଜ କରିବାକୁ ହେଲେ କରାଯାଇଥିବା ଛୋଟ ଛୋଟ କାମ ଜୀବନକୁ ସୁନ୍ଦର ପାଠ ପଢ଼ାଇଥାଏ। ଏଥିପାଇଁ ସବୁବେଳେ ନିଜେ ଅନ୍ୟମାନଙ୍କର ସାହାଯ୍ୟ ନେବାର ଇଚ୍ଛା ନ ରଖିବା ଦରକାର। ଏଥିସହିତ ଭଲ୍ୟୁଣ୍ଟିୟର୍ସଙ୍କୁ ସମ୍ମାନ ବି କରିବା ଆବଶ୍ୟକ। ପିଲାମାନେ ତୁମର ଏପରି ପଜିଟିଭ୍ କାମ କରିବାର ଦେଖି ଅନ୍ୟମାନେ ବି ପ୍ରୋତ୍ସାହିତ ହେବେ। ବିଶ୍ୱକୁ ସୁନ୍ଦର କରିବାକୁ ହେଲେ ଭବିଷ୍ୟତରେ ତୁମ ଭଳି ଛୋଟ ଛୋଟ ଭଲ୍ୟୁଣ୍ଟିୟର୍ସଙ୍କର ଆବଶ୍ୟକତା ରହିଛି।





୧




୨




୩



୮



୪



୫




୬



୭



୧ **ପ୍ରିନ୍ସ ଶିଶୁ**
କ୍ଲାସ- ୫, ବିକାଶ ଗ୍ଲୋବାଲ ସ୍କୁଲ, ଭୁବନେଶ୍ୱର



୨ **ଆଦିତ୍ୟ ମହାନ୍ତି**
କ୍ଲାସ- ୬, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



୩ **ଅମ୍ରିତା ରଇତ**
କ୍ଲାସ- ୬, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଗିରି, ଗଜପତି



୪ **ଆଧୀଶ ଭୋଇ**
କ୍ଲାସ- ୮, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର, ଭୁବନେଶ୍ୱର



୫ **ଅମାୟରା ପଣ୍ଡା**
କ୍ଲାସ- ୧, ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



୬ **ଶ୍ରୀଦିକସା ଦେହୁରୀ**
କ୍ଲାସ-୨, ସେଣ୍ଟ ଜନ୍ ସ୍କୁଲ, ବୌଦ୍ଧ



୭ **ଧୀଆରା ଶତପଥୀ**
କ୍ଲାସ-୪, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



୮ **ଶିବାଂଶ କୁମାର ସାହୁ**
କ୍ଲାସ- ୫, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର, ଭୁବନେଶ୍ୱର



୯ **ଜିସାନ୍ତ ପଟ୍ଟନାୟକ**
କ୍ଲାସ- ୨, ବିଜେଇଏମ୍ ସ୍କୁଲ-୧, ବିଜେବି ନଗର, ଭୁବନେଶ୍ୱର



୯



# କବିତା

## ବଡ଼ଦିନର ଆଲୋକ

ଡିସେମ୍ବରର ପ୍ରଭାତ ଆସି
ଖୁସିର ନୂଆ ରଙ୍ଗ ବରଷେ,
ପଚିଶର ରାତିରେ
ତାରା ଆକାଶେ ହସେ ।
ମେରୀ ମାଆଙ୍କ କୋଳେ
ଜନ୍ମିଲେ ପ୍ରଭୁ ଯିଶୁ,
ପୃଥିବୀକୁ ଦେଲେ ବାରତା
ପ୍ରେମ ଶାନ୍ତି ଆଶାର ପବିତ୍ରତା।
ଚର୍ଚ୍ଚରେ ଘଣ୍ଟି ଶୁଣି
ହୃଦୟେ ଭରିଯାଏ ଆନନ୍ଦ,
ପ୍ରାର୍ଥନାର ପବନ ବହି
ପୂରା ଜଗତ ହୋଇଯାଏ ପବିତ୍ର।
ବଡ଼ଦିନର ଆଲୋକ ଆସି
ଘରେ ଘରେ ଦେଉଛି ସନ୍ଦେଶ,
ପ୍ରେମ ଦିଅ, ଖୁସି ବାଣ୍ଟ
ଜୀବନେ ଜଗାଅ ଆଶାର ନୂଆ ପ୍ରଭାତ।

**– ରାଜକିଶୋର ନାୟକ**
ଡମାହାଣ୍ଡି, ଦଶପଲ୍ଲା, ନୟାଗଡ଼
ମୋ: ୯୩୩୭୮୧୧୩୮୩

## ବଡ଼ଦିନ ଛୁଟି ଆସୁଛି

ବଡଦିନ ଛୁଟି ଆସୁଛି ଆଗକୁ
ଛୁଟି ହୋଇଯିବ ଇସ୍କୁଲ,
ବୁଲିବାକୁ ଯିବୁ ସାଙ୍ଗ ହୋଇ ଆମେ
ବବୁଲୁ, ମାମୁନି, ଡୁଗୁଲୁ।
ମାମୁ କହିଛନ୍ତି ଆଗରୁ ଆମକୁ
ନନ୍ଦନ କାନନ ବୁଲିବା,
କେତେ ଜୀବଜନ୍ତୁ ଦେଖିବା ଜାଣିବା
ବାହାରେ ଦୋଳିରେ ଝୁଲିବା।
ନୂଆ କରି କାଲେ ଆସିଛି ଜିରାଫ
ପାଖରୁ ତାହାକୁ ଦେଖିବୁ,
ରଙ୍ଗ ତୂଳୀ ଧରି ତା'ପରି ଗୋଟିଏ
ଛବି ଟିଏ ଘରେ ଆଙ୍କିବୁ।
ନନ୍ଦନକାନନେ ଜାତି ଜାତି ଗଛ
ବଣ ବୁଦା ଲତା ଗହଳେ,
ପଶୁ,ପକ୍ଷୀମାନେ ଖେଳନ୍ତି ବୁଲନ୍ତି
ଗିବନ କେମିତି ଓହଳେ।
କଙ୍ଗାରୁ କେମିତି ଡିଆଁଇ ଗୋଡ଼ରେ
ଛୁଆ ରଖି ତା'ର ପେଟରେ,
ବାଘ ସଫାରୀରେ ବାଘ ବୁଲୁଥିବେ
ଦେଖିବାକୁ ଯିବା ଗାଡ଼ିରେ।
ଦେଖି ଥିଲି ଦିନେ ବାପାଙ୍କ ସାଥିରେ
ଛୋଟ ବେଳେ ଛୁଟି ଦିନରେ,
କେତେ ନୂଆ କଥା ଜାଣିବି ଏଥର
ଭାବିଛି ଆଗରୁ ମନରେ।

**– ଶେଖର କୁମାର ସ୍ୱାଇଁ**
କ୍ଲାସ– ୧୦, ଡ଼ିଏଭି ଏସସିବି
ମେଡିକାଲ୍ ପବ୍ଲିକ ସ୍କୁଲ, କଟକ
ମୋ: ୯୦୪୦୪୦୯୭୪୭

## ଆସୁଅଛି ବଡଦିନ

ଆସୁଅଛି ବଡଦିନ
ଗିର୍ଜା ଦିଶେ ଶୋଭାବନ
ଆଲୋକ ମାଳାରେ ସହର ବଜାର
କିଣୁଅଛି ଜନମନ।
ଯୀଶୁଂକ ଜନ୍ମ ଦିବସ
ଦିଅଇ ଖୁସି ଅଶେଷ
ବଡଦିନ ଆଗମନେ
ଗିର୍ଜା ଯିବେ ସର୍ବଜନେ।
ଯୀଶୁ ଥିଲେ ଦେବ ସମ
ପାଳୁଥିଲେ ନ୍ୟାୟ ଧର୍ମ
ସେବା ଦୟା କ୍ଷମା ପ୍ରେମର ପ୍ରତୀକ
କରୁଣାରେ ଅନୁପମ।
ମହାନ ତାଙ୍କର ବାଣୀ
ଆଦରିବା ହୃଦେ ଜାଣି
ମାନିବା ଯୀଶୁଙ୍କ ନୀତି
ଦୂରେଇ ଦେବା ଅନୀତି।
ଦୁଃଖୀ ଦରିଦ୍ରଙ୍କ ସେବା କରି ଆମେ
ବାଣ୍ଟିବା ସହାନୁଭୂତି।

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୭୩୪୩୪୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



### ବୟସ୍କ ଗାୟକ ଦଳ


ବୟସ ବଢ଼ିଲେ ଅନେକେ କାମ କରିବାର ସ୍ପୃହା ହରାଇ ବସନ୍ତି। ଆଉ ୯୦ରୁ ଅଧିକ ବର୍ଷ ବୟସର ଲୋକେ ତ ନିଜକୁ ପ୍ରାୟତଃ ଜୀବନର ଶେଷ ପାହାଚରେ ଥିବା ଭାବି ନେଇଥାନ୍ତି। କିନ୍ତୁ ଏଇ ବୟସରେ ବି ଅନେକେ ନୂଆ ଆଶା ଓ ନୂଆ ସ୍ୱପ୍ନ ଦେଖିବାକୁ ଭୁଲନ୍ତି ନାହିଁ। ଏହାର ଏକ ଉଦାହରଣ ହେଉଛି ବ୍ରିଟେନର ପ୍ରାଇମ୍ ଟାଇମ୍ ଗାୟକ ଦଳ। ଏହି ଦଳରେ ଅଛନ୍ତି ମୋଟ ୧୭ ଜଣ ଗାୟକ, ଯେଉଁମାନଙ୍କ ବୟସ ୯୦ ରୁ ଅଧିକ। ବ୍ରିଟେନର ଏକ କମ୍ପାନୀ ରନଉଡ୍ ହୋମ୍ସ ପକ୍ଷରୁ ଏହି ସଙ୍ଗୀତ ଦଳ ସୃଷ୍ଟି କରାଯାଇଛି। ପ୍ରଥମେ ୨୦୨୪ ଡିସେମ୍ବର ୧୯ ତାରିଖରେ ୯୦ରୁ ଅଧିକ ବୟସର ବୃଦ୍ଧାବୃଦ୍ଧମାନେ ଖ୍ରୀଷ୍ଟମାସ୍ ଅବସରରେ ଏକାଠି ହୋଇ ଏକ ସଙ୍ଗୀତ କାର୍ଯ୍ୟକ୍ରମ କରିଥିଲେ। ପ୍ରଥମ ଥର ପାଇଁ ଏତେ ଅଧିକ ବୟସର ଏକ ସଙ୍ଗୀତ ଦଳ ଗୀତ ପରିବେଷଣ କରିଥିଲେ। ସେହିଦିନଠାରୁ ଗିନିଜ୍ ବିଶ୍ୱ ରେକର୍ଡରେ ସବୁଠୁ ବୟସ୍କ ଦଳଭାବେ ଏହାକୁ ସ୍ଥାନ ମିଳିପାରିଛି।

## ଏଥରର



- କେଉଁ ଦେଶ ସବୁଠୁ ଅଧିକ ଚା' ଉତ୍ପାଦନ କରିଥାଏ ?
- କେଉଁ ଦେଶରେ ପିଲାଙ୍କୁ ସବୁଠୁ ଅଧିକ ଦିନର ଖରାଛୁଟି ଦିଆଯାଏ ?
- ଗୋଟିଏ ବୃତ୍ତ କେତେ ଡିଗ୍ରୀର ହୋଇଥାଏ ?
- ଶବ୍ଦ ଓ ଆଲୋକ ମଧ୍ୟରୁ କାହାର ଗତିର ବେଗ ଅଧିକ ?
- ମହାକାଶକୁ ଯାଇଥିବା ଆମେରିକାର ପ୍ରଥମ ମହିଳାଙ୍କ ନାମ ?


## ଗତଥରର ଉତ୍ତର



- ଭେରୋନା
- ୟେଲୋ ଷ୍ଟୋନ୍ ନ୍ୟାଶନାଲ ପାର୍କ
- ଆରିଜୋନା, ନେଭାଡା ଓ ଓରେଗାଉଁ
- ୩
- ଜଲୋଟୀ

## କହିଲ ଦେଖି

ଏମିତି ଅଟଇ ଦିନଟି ସିଏ
ଯେଦିନୁ ଦିନ ବଡ ହିଁ ହୁଏ
ବର୍ଷର ଶେଷମାସରେ ଆସେ
ଶୀତସମ୍ଭାରରେ ମୁରୁକି ହସେ
ବର୍ଷର ଶେଷ ଛୁଟିଟି ସିଏ
ନାମଟି ତାହାର କହିବ କିଏ ?



**ଉ– ବଡ଼ଦିନ**

ନାଲିଆ ପୋଷାକ ଦେହରେ ନାଇ
ଧଳା ନିଶ ଦାଢ଼ି ମୁହଁରେ ଥାଇ
କାନ୍ଧରେ ତାଙ୍କର ଝୁଲଇ ମୁଣି
ଉପହାର କେତେ ଥାଏ ଯେ ପୁଣି
ଖୁସିର ବାର୍ତ୍ତା ବାଣ୍ଟିବା ପାଇଁ
ବୁଲୁଥାନ୍ତି ସିଏ ଆନନ୍ଦ ହୋଇ
ସେମାନଙ୍କୁ ଥରେ ଦେଖିଛି ଯିଏ
ନାମଟି ତାଙ୍କର କହିବ ସିଏ ?



**ଉ– ସାଣ୍ଟାକ୍ଲଜ୍**

ଏମିତି ଅଟଇ ଗଛଟି ସିଏ
ବଡ଼ ନୁହେଁ ସିଏ ଛୋଟ ହିଁ ଥାଏ
ସବୁଜ ରଙ୍ଗରେ ସୁନ୍ଦର ଦିଶେ
କେତେ ଦପ୍ତରରେ ସେ ପରା ବସେ
କୋନ୍ ଆକୃତିର ଗଛଟି ସିଏ
ନାମଟି ତାହାର କହିବ କିଏ ?



**ଉ– ଖ୍ରୀଷ୍ଟମାସ ଟ୍ରି**

ଖ୍ରୀଷ୍ଟଧର୍ମ ସ୍ଥାପକ ଅଟନ୍ତି ସିଏ
ଖ୍ରୀଷ୍ଟ ପ୍ରବର୍ତ୍ତକ ଦୁନିଆଁ କୁହେ
ସ୍ନେହପ୍ରେମର ବାର୍ତ୍ତା ବାଟନ୍ତି ସିଏ
ଦୁଃଖି ଜନ ସେବା କରନ୍ତି ଯିଏ
ଶୂଳିରେ ଯାହାଙ୍କ ଜୀବନ ଗଲା
ତାଙ୍କ ନାମ କିଏ କହିବ ଭଲା ?



**ଉ– ଯିଶୁଖ୍ରୀଷ୍ଟ**

**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫






## ଜାଣିଛ କି

ଏମିତି କେଉଁ ଜୀବ ରହିଛି, ଯାହାର ରକ୍ତର ରଙ୍ଗ ନୀଳ ହୋଇଥାଏ – **ଅକ୍ଟୋପସ୍**

ଏମିତି କେଉଁ ଜୀବ ଅଛି, ଯିଏକି ତ୍ୱଚା ମାଧ୍ୟମରେ ନିଃଶ୍ୱାସ ନେଇଥାଏ – **ଜିଆ**

କେଉଁ ଦେଶରେ ଅଧା ରାତିରେ ବି ସୂର୍ଯ୍ୟ ଚମକୁ ଥାଏ – **ନରୱେ**

ଭାରତରେ ଚନ୍ଦନ ବନ ପାଇଁ କେଉଁ ରାଜ୍ୟ ପ୍ରସିଦ୍ଧ– **କର୍ନାଟକ**

ଏମିତି କେଉଁ ଜୀବ ଅଛି, ଯିଏ ୩ବର୍ଷ ପର୍ଯ୍ୟନ୍ତ ଶୋଇଥାଏ– **ଗେଣ୍ଡା**


ଏମିତି କେଉଁ ଜୀବ ଅଛି, ଯାହାର କାନ ନାହିଁ – **ସାପ**

ପ୍ରତି ୩୬ ବର୍ଷରେ ଥରେ ଫୁଟୁଥିବା ଫୁଲ – **ନାଗପୁଷ୍ପ**

## ସର୍ବାଧିକ ଭାଷା ଥିବା ଦ୍ୱୀପ



**କେ**ତେକ ସ୍ୱତନ୍ତ୍ରତା ପାଇଁ ଅନେକ ଦେଶ ପରିଚିତ ହୋଇଥାନ୍ତି। ଏମିତି ଏକ ଦ୍ୱୀପ ରହିଛି, ଯେଉଁଠାରେ ପ୍ରାୟ ୮୦୦ରୁ ଅଧିକ ଭାଷା ପ୍ରଚଳିତ ଅଛି। ଆଉ ଦ୍ୱୀପଟି ହେଉଛି ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ନ୍ୟୁଗିନିର ପାପୁଆ । ଏହାର ଜନ ସଂଖ୍ୟା ଅଧିକ ନୁହେଁ କିନ୍ତୁ ଏଠାରେ ୫–୧୦କି.ମି ଅନ୍ତର ମଧ୍ୟରେ ଏକ ନୂଆ ଭାଷା ପ୍ରଚଳନ ହେବାର ଦେଖିବାକୁ ମିଳିଥାଏ। ସମ୍ପୂର୍ଣ୍ଣ ବିଶ୍ୱରେ ପ୍ରାୟ ୭୦୦୦ରୁ ଅଧିକ ଭାଷା ରହିଥିବା ବେଳେ ପାପୁଆ ନ୍ୟୁଗିନିଠାରେ କେବଳ ୮୦୦ରୁ ଅଧିକ ଭାଷା ରହିଛି।



## କେତେ ଉଚ୍ଚତା ପର୍ଯ୍ୟନ୍ତ ସହଜରେ ନିଃଶ୍ୱାସ ନେଇପାରିବେ

ପିଲାମାନେ! ପ୍ରାଣୀଜଗତ ବଞ୍ଚିବା ପାଇଁ ଅକ୍ସିଜେନ ବା ଅମ୍ଳଜାନର ଆବଶ୍ୟକତା ରହିଛି। ଏହାର ତାରତମ୍ୟତା ଦେଖାଯାଉଥିବା ସ୍ଥାନରେ ଶ୍ୱାସକ୍ରିୟାଜନିତ ସମସ୍ୟା ଦେଖାଯାଏ। ତୁମେ ଯଦି କୌଣସି ପାହାଡ଼ିଆ ସ୍ଥାନକୁ ବୁଲିବାକୁ ଯାଇଥିବ, ଲକ୍ଷ୍ୟ କରିଥିବ ଯେତେଯେତେ ଅଧିକ ଉପରକୁ ଯିବ ସେତେସେତେ ନିଃଶ୍ୱାସ ନେବାରେ ଅସୁବିଧା ହୋଇଥାଏ। ଏହାର କାରଣ ଅକ୍ସିଜେନ୍ ସ୍ତର ଧୀରେ ଧୀରେ କମିଯାଏ, ଯେଉଁ କାରଣ ପାଇଁ ଆମକୁ ଅନେକ ପ୍ରକାର ଅକ୍ସିଜେନ୍ ସପୋର୍ଟ ନେବାକୁ ପଡ଼ିପାରେ। ବିଶେଷଜ୍ଞଙ୍କ ମତରେ ୮୦୦୦ଫୁଟର ଉଚ୍ଚତାକୁ ଗଲେ ଆମକୁ ନିଃଶ୍ୱାସ ନେବାରେ ଅସୁବିଧା ଅନୁଭବ ହୁଏ।



## ସାଣ୍ଟାଙ୍କ ଜନ୍ମ କେଉଁଠାରେ ହୋଇଥିଲା

ପିଲାଏ, ତୁମକୁ କ୍ରିସ୍‌ମସ୍ ବହୁତ୍ ପସନ୍ଦ ନା! ଏହା ସହିତ ଜଡ଼ିତ ପ୍ରତ୍ୟେକ କଥା ଜାଣିବାକୁ ତୁମେ ବେଶ୍ ଆଗ୍ରହୀ, ନୁହେଁ ? ସାଣ୍ଟା କ୍ଲଜ ଛୋଟବେଳୁ ଉଦାର, ଦୟାଳୁ ଏବଂ ଧାର୍ମିକ ଥିଲେ। ତାଙ୍କର ଜନ୍ମ ୨୭୦ ଖ୍ରୀଷ୍ଟାବ୍ଦ ପଟାରାରେ ହୋଇଥିଲା। ପରେ ମାୟରା ନାମକ ଗ୍ରାମରେ ସେ ବିଶପ୍ ଭାବରେ ଯୋଗଦେଲେ। ତାଙ୍କ ଜୀବନରେ ଯାହା ଧନ ସମ୍ପତ୍ତି ଥିଲା, ସେ ଦାନ କରି ଦେଇଥିଲେ। ସେ ଗାଁ ଗାଁ ବୁଲି ଗରିବମାନଙ୍କୁ ସାହାଯ୍ୟ କରିବା ସହ ରୋଗୀମାନଙ୍କ ସେବାରେ ନିଜକୁ ନିୟୋଜିତ ରଖୁଥିଲେ। ତାଙ୍କ ମୃତ୍ୟୁ ଦିବସକୁ 'ସେଣ୍ଟ ନିକୋଲସ୍ ଡେ' କୁହାଯାଏ, ଯାହା ଡିସେମ୍ବର ୬ରେ ପାଳନ ହୁଏ। ସେ ସେଣ୍ଟ ନିକୋଲସ୍ ନାମରେ ବେଶ୍ ପରିଚିତ।

# ଆଇନା



ଅର୍ନିକା ରାଉତ
୩ ବର୍ଷ/ କଟକ



ନୈତ୍ତିକ ମହାପାତ୍ର
୬ ବର୍ଷ/ ବେଙ୍ଗାଲୁରୁ